# ତହସିଲ କାର୍ଯ୍ୟାଳୟ, ନରସିଂହପୁର (କଟକ)

ସଂଖ୍ୟା. ୪୦୪୦ / ତା. ୨୦/୧୨/୨୦୨୧

**ବିଜ୍ଞାପନ**

**ଲଘୁଖଣିଜ ଉତ୍ସରଦୀର୍ଘମିଆଦୀ ଲିଜ ନିମନ୍ତେ ବିଜ୍ଞାପନ**

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ତ ନରସିଂହପୁର ତହସିଲ ଅନ୍ତର୍ଗତ ଅନୁସୁଚୀ – ୧ରେ ପ୍ରଦତ୍ତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) କୁ ଆସନ୍ତା ୫(ପାଂଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ ସୂତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କଠାରୁ ଦରଖାସ୍ତ ଆହ୍ଵାନ କରାଯାଉଅଛି । ଲିଜରେ ଅଂଶ ଗ୍ରହଣ କରିବାପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ, ଉକ୍ତ ବାଲି ଖାଦାନକୁ ପରିଦର୍ଶନ କରି ଏହାର ପରିଚାଳନାପାଇଁ ଗମନା ଗମନର ସୁବିଧା, ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା,ସୁଯୋଗ ସମ୍ପର୍କରେ ପର୍ଯ୍ୟବେକ୍ଷଣ କରିବାପରେ ଆବେଦନ କରିବା ଆବଶ୍ୟକ । ଲିଜ ନେବାପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ. ତଥା କୌଣସିପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେନାହିଁ ।

ଓଡିଶା ଲଘୁ ଖଣୀଜ ଦ୍ରବ୍ୟ ରିହାତି ଆଇନ - ୨୦୧୬(**OMMC Rules - 2016**)ରେ ବର୍ଣ୍ଣିତ ଫର୍ମ- ଏମ (**Form - M**) ତିନିକିତା ପୁରଣ କରି ତତ୍ ସହିତ ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ(**Registered Post/ Speed Post**) ଜରିଆରେ ତହସିଲଦାର, ନରସିଂହପୁର, ସା/ପୋ.ଅ /ଥାନା - ନରସିଂହପୁର, ଜିଲ୍ଲା – କଟକ, ପିନ - ୭୫୪୦୩୨ ଠିକଣାରେ କିମ୍ବା ତହସିଲ କାର୍ଯ୍ୟାଳୟରେ ଉଦିଷ୍ଟ **TENDER DROP BOX** ରେ ଆସନ୍ତା ତା.୦୫.୦୧.୨୦୨୨ ରିଖ ଠାରୁ ତା. ୦୬.୦୧.୨୦୨୨ ରିଖ ଅପରାହ୍ନ ଘ.୦୨.୦୦ ମଧ୍ୟରେ ଆବେଦନ କରିବା ଆବଶ୍ୟକ ଓ ଅପରାହ୍ନ ଘ.୦୩.୦୦ ସମୟରେ ନରସିଂହପୁର ତହସିଲ, କାଯ୍ୟାଳୟରେ ଆବେଦନକାରି କିମ୍ବା ଆବେଦନାକାରିଙ୍କ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଉପସ୍ଥିତରେ ତନଖି କରାଯିବ । ନିର୍ଦ୍ଦିଷ୍ଟ ତାରିଖ ଓ ସମୟ ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ । ଲଫାପା ଉପରେ ଦରଖାସ୍ତ କରୁଥିବା ସୈରାତ ଉତ୍ସର ନାମ ଏବଂ ଦରଖାସ୍ତ କାରୀଙ୍କର ନାମ, ଠିକଣା, ଯୋଗାଯୋଗ ନମ୍ବର ଲେଖିବା ଆବଶ୍ୟକ । **OMMC Rules -2016** ଅନୁଯାୟୀ ସମସ୍ତ ସର୍ତାବଳୀକୁ ପୁରଣକରୁଥିବା ଦରଖାସ୍ତଗୁଡିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ ଅତିରିକ୍ତଦେୟ ଉଲ୍ଲେଖ କରିଥିବା ରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଂଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ କରିଦିଆଯିବ । ଯଦି ୧ ରୁ ଅଧିକ ଆବେଦନ କାରୀ ସମାନସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବେ , ତେବେ ଲଟେରୀ ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଉପରୋକ୍ତ ଦିବସରେ କୌଣସି କାରଣରୁ ନିଲାମ ନହୋଇପାରେ, ତେବେ, ୧୨.୦୧.୨୦୨୨ ରିଖ ଦିବା ଗ. ୧୦.୦୦ ଟିକା ଠାରୁ ତା. ୧୩.୦୧.୨୦୨୨ ରିଖ ଅପରାହ୍ନ ଘ. ୦୨.୦ ପର୍ଯ୍ୟନ୍ତ ପୁନର୍ବାର **(Registered Post/ Speed Post/ Tender Box)** ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯାଇ, ତା. ୧୩.୦୧.୨୦୨୨ ରିଖ ଅପରାହ୍ନ ଘ. ୦୩.୦୦ ଟିକାରେ ନରସିଂହପୁର ତହସିଲ କାର୍ଯ୍ୟାଳୟରେ ଦରଖାସ୍ତ ଗୁଡିକୁ ତନଖି କରଯାଇ ଲିଜ ଧାରୀ ଚୟନ କରାଯିବ । ୨ୟ ଥର ଅସଫଳ ହେଲେ, ତା. ୧୯.୦୧.୨୦୨୨ ରିଖ ଦିବା ଘ.୧୦.୦୦ ଟିକା ଠାରୁ ତା.୨୦.୦୧.୨୦୨୨ ରିଖ ଅପରାହ୍ନ ଘ.୦୨.୦୦ ପର୍ଯ୍ୟନ୍ତ ଟେଣ୍ଡର ଗ୍ରହଣ କରାଯାଇ ତା ୨୦.୦୧.୨୦୨୨ ରିଖ ଅପରାହ୍ନା ଘ.୦୩.୦୦ ଟିକାରେ ଲିଜ୍ ଧାରୀ ଚୟନ କରାଯିବ । ଟେଣ୍ଡରନିଲମ ନିମନ୍ତେ ସମସ୍ତ ସର୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛଟି ଦିନ ବ୍ୟତିତ ) ସମସ୍ତ କାର୍ଯ୍ୟ ଦିବସରେ ଏବଂ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ <u>www.cuttack.nic.in</u> **tender** ଲିଙ୍କରେ ଉପଲବ୍ଧ ହେବ ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ**

୧. **OMMC Rules – 2016**ରେ ପ୍ରଦତ୍ତ ଫର୍ମ – ଏମ ନିର୍ଭୁଲ ଭାବରେ ସ୍ପଷ୍ଟ ପୁରଣ କରି, ଦରଖାସ୍ତ କାରୀଙ୍କ ସ୍ଵାକ୍ଷରଥାଇ ଦାଖଲ କରିବା ଆବଶ୍ୟକ ।

୨. ଦରଖାସ୍ତ ପାଉଣା ବାବଦକୁ ଟ.୧,୦୦୦/-(ଏକ ହଜାରଟଙ୍କା) ମାତ୍ର ଟ୍ରେଜେରି ଚଲାଣ(**Head of Account-0853-Non-Ferrous Miming metallurgical industries-102-Mineral Concession Fees, Rents and Royalties)** ଦାଖଲ କରିବେ । ଏହି ଦରଖାସ୍ତ ବାବଦପାଉଣା ଫେରସ୍ତ କରାଯିବ ନାହିଁ ।

୩. ଦରଖାସ୍ତକାରୀଙ୍କର ନାମେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବାଦର୍ଶାଇ ଏକ ସତ୍ୟପାଠ(**Affidavit**) ଦାଖଲ କରିବା ଆବଶ୍ୟକ ।

୪. ଅଗ୍ରୀମ ରାଶି ବା **EMD(Earnest Money Deposit)** ବାବଦ ଜମା ନିମ୍ନଲିଖିତ କରିବେ (**Demand Draft in favour of Tahaildar, Narasinghpur**) ଯାହାର ପରିମାଣ , ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ(**MGQ**)ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲଟିର ମୋଟ ଶତକଡ଼ା ପାଞ୍ଚ(୫%)ରୁ କମ୍ ହେବନାହିଁ, ଜାତୀୟକରଣ ବ୍ୟାଙ୍କରେ ଡିପୋଜିଟ୍ କଲ୍‌ ବା **Bank Draft** ଦାଖଲ କରିଥିବା ପ୍ରମାଣ ପତ୍ର ।

**EMD=[MGQ X (Royalty + Additional Charge specified in the notice)] X 5% =**

1. **Purusottampur Mahanadi Sand Quarry-(4200 MGQ X (Royalty Rs.35/- + Additional charge Rs.14/-)= Rs.10,290/- Rupees(Ten thousand two hundred ninety)only.**

୫. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସୋଲଭେନ୍ସି ପ୍ରମାଣପତ୍ର(**Solvency Certificate**) କିମ୍ବା ୧୮ ମାସ ପର୍ଯ୍ୟନ୍ତ ବଳବତ୍ତର ଥିବା ବ୍ୟାଙ୍କ ପ୍ରତ୍ୟାଭୂତି (**Bank Guarantee**) ଯାହାର ସର୍ବନିମ୍ନ ମୂଲ୍ୟ ବାର୍ଷିକ ସର୍ବନିମ୍ନ ସୁନିଶ୍ଚିତ ହୋଇଥିବା ଲଘୁ ଖଣିଜ ପଦାର୍ଥ (**MGQ**) ଅନୁସାରେ ଅନୁଯାୟୀ - ୧ରେ ପ୍ରଦତ୍ତ ରୟାଲଟି (**Royalty**) ଓ ଆବେଦନ କାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ (**Additional Charge**) ମୂଲ୍ୟ ଠାରୁ କମ ହୋଇ ନଥିବ ଏବଂ ଏଥିସହିତ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ବିବରଣୀ ପ୍ରଦାନ କରିବେ ।

**[Requisite Extent of Solvency /Bank Guarantee = Minimum Guaranteed Quantity X (Offered Additional Charge + Royalty)].**

୬. ପ୍ରସ୍ତାବିତ ଯୋଗାଣ ବାଲୁକା ପୋଖରୀ ସହ ଚୌହଦିର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା

୭. ପାନ କାର୍ଡ / ପରିଚୟ ପତ୍ର ସଂଲଗ୍ନ କରିବେ ।

୮. ଆବେଦନ କରୁଥିବା ବାଲିକୁ, ଧାର୍ଯ୍ୟ ଅତିରିକ୍ତ ଦେୟ ଠାରୁ ଅଧିକ, କେତେ ଅତିରିକ୍ତ ଦେୟରେ ନେବାପାଇଁ ଚାହୁଁଛନ୍ତି ତାହା ଉଲ୍ଲେଖ କରିବେ ।

<u>ସର୍ତ୍ତାବଳୀ</u>

୧. ଆବେଦନକାରୀ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ନିୟମାବଳୀ ଆଇନ - ୨୦୧୬ (**OMMC Rules -2016**) ଓ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ନିୟମାବଳୀ(ସଂଶୋଧନ) ଆଇନ- ୨୦୧୭ (**OMMC Amendment Rules - 2017**) ର ସର୍ତ୍ତରେ ବାଧ୍ୟ ରହିବେ ।

୨. ସର୍ବୋଚ୍ଚ ଅତିରିକ୍ତ ଦେୟ ଦରକୁ କରିଥିବା ଆବେଦନକାରୀଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଆବେଦନକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିବେ, ତେବେ ଲଟେରୀ ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।

୩. ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ମନୋନୟନର (୭) ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କଦ୍ୱାରା ନିର୍ଦ୍ଧାରିତ ଫର୍ମରେ ଜଣାଇଦିଆଯିବ । ସୂଚନା ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ମନୋନିତ ଆବେଦନ କାରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଏବଂ ତତ୍ ସଙ୍ଗେ ସଙ୍ଗେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ଓ ରୟାଲିଟି ପରିମାଣର ଏକଚତୁର୍ଥାଂଶ ସହିତ ଜିଲ୍ଲା ଖଣିଜ ପାଣ୍ଠି ବାବଦକୁ ଥିବା ଦେୟରୁ **earnest money** କୁ ବାଦ ଦେଇ ବଳକା ଥିବା ରାଶି ଜମା କରିବେ । ଯାହାକି ବିନା ସୁଧରେ ଅଗ୍ରୀମ ଆକାରରେ ରହିବ । ଯଦି ମନୋନିତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି କିମ୍ବା ଉକ୍ତ ଅଗ୍ରୀମ ରାଶି ଜମା ନକରନ୍ତି, ତେବେ ଦ୍ୱିତୀୟ ସର୍ବାଧିକ ନିଲାମ ଧାରୀଙ୍କୁ ସୁଯୋଗ ଦିଆଯିବ ।

୪. ପୁରୁଷୋତ୍ତମପୁର ବାଲି ଖାଦାନ ନିମନ୍ତେ **Mining Plan** ପ୍ରସ୍ତୁତ ହୋଇଅଛି । ଏହୁ **Mining Plan** ନିମନ୍ତେ ସମସ୍ତ ଖର୍ଚ୍ଚ ଲିଜ ଧାରୀ ବହନ କରିବେ ଏବଂ ଓଡ଼ିଶା ଲଘୁ ଖଣିଜ ନିୟମାବଳୀ,୨୦୧୬ (**OMMC Rules - 2016**) ରେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ଖର୍ଚ୍ଚରେ ପ୍ରାଧିକୃତ ଅଧିକାରୀଙ୍କ ଠାରୁ ପରିବେଶ ଛାଡ଼ ପ୍ରମାଣ ପତ୍ର (**Environment Clearance Certificate**) ହାସଲ କରି ସୂଚନାରେ ଦର୍ଶାଯାଇଥିବା **ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ପାଇଁ ଧାର୍ଯ୍ୟ ଥିବା ଖଣିଜ ପଦାର୍ଥର ପରିମାଣ ସହିତ ରୟାଲିଟି ଓ ଅତିରିକ୍ତ ଦେୟର ସମଷ୍ଟିକୁ ଗୁଣନ କଲେ ଯେଉଁ ଅର୍ଥ ହେବ**. ସେହି ଅନୁଯାୟୀ ସରକାରଙ୍କ ସମସ୍ତ ଦେୟ ଯଥା - **Royalty, Additional Charge, Surface Rent, Dead Rent, DMF (10 % of Royalty & additional Charge), EMF (5% OF Royalty & Additional Charge) Income Tax (2 % of Royalty & Additional Charge), fees for compensatory a forestation etc.** ଦାଖଲ କରିବେ । ଉକ୍ତ ରାଶି ଜମା ହେଲା ପରେ, ଲିଜ ଧାରି ନିଜ ଖର୍ଚ୍ଚରେ ରେଜେଷ୍ଟ୍ରେସନ ଆଇନ ୧୯୦୮ ଓ ଷ୍ଟାମ୍ପ ଆଇନ ୧୮୯୯ ଅନୁଯାୟୀ ଲିଜ୍ ଚୁକ୍ତି ପତ୍ର(**Lease Agreement**) ସମ୍ପାଦନ କରିବେ ଓ ସୈରାତ ପରିଚାଳନା ପାଇଁ. **Regional Officer, State Pollution Control Board** ଙ୍କ ନିକଟରୁ **"CONSENT TO OPERATE ORDER" Order** ଆଣିବା ପାଇଁ ବାଧ୍ୟ ହେବେ, ନଚେତ୍ ମନୋନୟନ ପତ୍ର ରଦ୍ଦ କରାଯିବାସହ. ଅମାନତ ରାଶି (**Security Deposit**) ତଥା ଅନ୍ୟାନ୍ୟ ଜମା ବାଜ୍ୟାପ୍ତ କରାଯିବ । ଲିଜ୍ ଧାରୀ ବିଜ୍ଞାପନ ଖର୍ଚ୍ଚ ବହନ କରିବେ ।

୫. ଲିଜ୍ ପାଇଁ ଆବେଦନ କରିବା ପୂର୍ବରୁ ଇସ୍ତାହାରରେ ବର୍ଣ୍ଣିତ ଲଘୁ ଖଣି ଖାଦାନର ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଯାତାୟାତର ସୁବିଧା, ସଞ୍ଚିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ୍ ରେ ଅଂଶ ଗ୍ରହଣ କରିବେ । ନିଲାମ ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେନାହିଁ ।

୬. ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୭. ଲିଜ୍ ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ଚିହ୍ନଟ କରିବେ ଓ ସମ୍ମୁଖ ଭାଗରେ ଏକ **Display Board** ତିଆରି କରି, ସେଥିରେ ସୈରାତ ଉତ୍ସର ନାମ, ନକ୍ସା ତଥା ମଞ୍ଜୁର ହୋଇଥିବା ସମୟ ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ଲିଜ୍ ଧାରୀ ନିଜ ଖର୍ଚ୍ଚରେ କରିବେ ।

୮. ଲିଜଧାରୀ **OMMC Rules – 2016** ଓ **OMMC Amendment Rules – 2017**ର ସମସ୍ତ ସର୍ତ୍ତାବଳୀକୁ ପାଳନ କରିବା ପାଇଁ ବାଧ୍ୟ ।

୯. କୌଣସି କାରଣ ନଦର୍ଶାଇ ନିଲାମ ପରିବର୍ତ୍ତନ ତଥା ବାତିଲ କରିବାର କ୍ଷମତା କର୍ତ୍ତୃପକ୍ଷ ଓ ଜିଲ୍ଲାପାଳ, କଟକଙ୍କର ରହିଛି ।

୧୦.ନିଲାମ ନିମନ୍ତେ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟି ଦିନ ବ୍ୟତିତ) ସମସ୍ତ କାର୍ଯ୍ୟ ଦିବସରେ ଏବଂ ଏହିସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ <u>www.cuttack.nic.in</u> **Tender link**ରେ ଉପଲବ୍ଧ ହେବ ।

୧୧.ଯଦି ଉକ୍ତ ଇସ୍ତାହାରରେ ନିୟମ ଅନୁଯାୟୀ କୌଣସି ତ୍ରୁଟିପରିଲକ୍ଷିତ ହୁଏ, ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନକରିବାର ଅଧିକାର ନିମ୍ନସ୍ୱାକ୍ଷରକାରୀଙ୍କର ରହିଅଛି ।

(Signature) ୨୦.୦୭.୧୮

**ତହସିଲଦାର ତଥା କ୍ଷମତା ପ୍ରାପ୍ତ ଅଧିକାରୀ,**
**ନରସିଂହପୁର**

**ଅନୁସୂଚୀ - ୧**

**ସୈରାତର ଉତ୍ସର ବିବରଣୀ**

| କ୍ରମିକ ସଂଖ୍ୟା | ଉତ୍ସର ନାମ | ମୌଜାର ନାମ | ଖାତା ନମ୍ବର | ପ୍ଲଟ ନମ୍ବର | ରକବା (ଏକରରେ) | ସର୍ବନିମ୍ନ ବାର୍ଷିକ ଉତ୍ତୋଳନପାଇଁ ଧାର୍ଯ୍ୟଥିବାଖଣିଜ ପଦାର୍ଥରପରିମାଣ (MGQ) ଘନମିଟରରେ | ଗୌଣ ଖଣୀଜ ପଦାର୍ଥର ଧାର୍ଯ୍ୟ ରୟାଲିଟି ପ୍ରତି ଘନ ମିଟର (Royalty) | ଧାର୍ଯ୍ୟ ଅତିରିକ୍ତ ଦେୟ ପ୍ରତି ଘ.ମି(**Addl. Charge**) |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | ପୁରୁଷୋତମପୁର ମହାନଦୀ ବାଲିଘାଟ | ପୁରୁଷୋତମପୁର | ୧୯୬ | ୧୩୬୧ | ଏ ୧୨.୩୫ ଡି. | ୪୨୦୦ ଘ.ମି | ଟ.୩୫.୦୦ ଙ୍କା | ଟ. ୧୪.୦୦ଙ୍କା |

୨୦.୧୨.୨୧

ତହସିଲଦାର ତଥା କ୍ଷମତା ପ୍ରାପ୍ତ ଅଧିକାରୀ,
ନରସିଂହପୁର

ପରିପତ୍ର ସଂଖ୍ୟା. ୫୦୪୧(୨) / ତା. ୨୦/୧୨/୨୦୨୧

ଏହାର ଏକକିତା ନକଲ ଜିଲ୍ଲାପାଳ, କଟକ / ଉପ-ଜିଲ୍ଲାପାଳ, ଆଠଗଡଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା

**ତହସିଲଦାର ତଥା କ୍ଷମତା ପ୍ରାପ୍ତ ଅଧିକାରୀ,**
**ନରସିଂହପୁର**

ପରିପତ୍ର ସଂଖ୍ୟା. ୫୦୪୨(୩) / ତା. ୨୦/୧୨/୨୦୨୧

ଏହାର ଏକକିତା ନକଲ ଗୋଷ୍ଠି ଉନ୍ନୟନ ଅଧିକାରୀ,ନରସିଂହପୁର / ତହସିଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ / ସମସ୍ତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ଲଗାଗଲା।

**ତହସିଲଦାର ତଥା କ୍ଷମତା ପ୍ରାପ୍ତ ଅଧିକାରୀ,**
**ନରସିଂହପୁର**